ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୪ ଜୁଲାଇ, ୨୦୨୩



## ବାଲି ଚାଲାଣକୁ ନେଇ ବିବାଦ

ଭଞ୍ଜନଗର,(ବାବୁଲା ପ୍ରଧାନ)-ଭଞ୍ଜନଗର ତହସିଲ ଅନ୍ତର୍ଗତ ମୁଜାଗଡ଼ ନିକଟରେ ଗୁରୁବାର ବାଲି ଚାଲାଣକୁ ନେଇ ବିବାଦ ଦେଖାଯାଇଛି। ଜଣେ ଟ୍ରାକ୍ଟର ଚାଳକ ବାଲି ଧରି ଆସୁଥିବା ବେଳେ ତାଙ୍କୁ ବନ ବିଭାଗର କିଛି କର୍ମଚାରୀ ଅଟକାଇଥିଲେ। ଯାହାକୁ ନେଇ ବିବାଦ ଦେଖାଦେବା ପରେ ଚାଳକ ଜଣଙ୍କ ସେଠାରୁ ଚାଲି ଯାଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଏହି ଘଟଣାକୁ ନେଇ ଓଡିଶା ଅଣ ଗେଜେଟେଡ ବନ କର୍ମଚାରୀ ସଂଘ ଅସନ୍ତୋଷ ବ୍ୟକ୍ତ କରିବା ସହ ଘଟଣା ସମ୍ପର୍କରେ ଭଞ୍ଜନଗର ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ବନ ବିଭାଗର ଜଣେ ଅଧିକାରୀ କହିଛନ୍ତି ଟ୍ରାକ୍ଟର ଚାଳକ ବେନିୟମ ଭାବେ ବାଲି ନେଉଥିବା ବେଳେ ବନ କର୍ମଚାରୀଙ୍କୁ ଅସଦ ବ୍ୟବହାର ଦେଖାଇ ଗାଡି ନେଇଯିବାରୁ ଗାଡ଼ି ମାଲିକଙ୍କ ବିରୋଧରେ ଥାନାରେ ଏତଲା ଦିଆଯାଇଛି। ଅପରପକ୍ଷେ ବନ ବିଭାଗ ଅଞ୍ଚଳରୁ ଆମେ କୌଣସି ଲଘୁ ଖଣିଜ ଦ୍ରବ୍ୟ ଆଣି ନାହୁଁ ବୋଲି ଟ୍ରାକ୍ଟର ଚାଳକଙ୍କ ପକ୍ଷରୁ କୁହାଯାଇଛି।

## ସଂକ୍ଷେପରେ

### ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଯୁକ୍ତ ୩ ଇତିହାସ ବିଭାଗର ଷଷ୍ଠ ସ୍ଥାନରେ ଅମ୍ବିକା

ଜଗନ୍ନାଥପ୍ରସାଦ,୧୩।୭(ବିଭୁ ପ୍ରସାଦ ପଟ୍ଟନାୟକ)-ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ



ବ୍ଲକ ଅନ୍ତର୍ଗତ ଆଞ୍ଚଳିକ ଡ଼ିଗ୍ରୀ କଲେଜର ଇତିହାସ ବିଭାଗର ଛାତ୍ରୀ ଅମ୍ବିକା ପ୍ରଧାନ ଚଳିତ ବର୍ଷ ପ୍ରକାଶିତ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଯୁକ୍ତ ୩ ଇତିହାସ ବିଭାଗର ଶ୍ରେଷ୍ଠ ଦଶ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଷଷ୍ଠ ସ୍ଥାନ ଅଧିକାର କରିଛନ୍ତି। ଏହି ସଫଳତା ପାଇଁ ମହାବିଦ୍ୟାଳୟର ଅଧକ୍ଷ ସନାତନ ସାହୁ ତଥା କଲେଜ ପରିଚାଳନା କମିଟିର ସଭାପତି ବେଣୁଧର ସାବତ ଅମ୍ବିକାଙ୍କୁ ପ୍ରଶଂସା କରିଛନ୍ତି। ଇତିହାସ ବିଭାଗର ବିଭାଗୀୟ ମୁଖ୍ୟ ଡଃ ପ୍ରମୋଦ କୁମାର ଚୌଧୁରୀ, ଅଧାପକ ବିଭୂତି ଭୂଷଣ ପ୍ରଧାନ ଓ ଅଧାପିକା ସୁନିତା ବିଷୋୟୀ ଏବଂ କଲେଜର ଅନ୍ୟ ସମସ୍ତ ଅଧାପକମାନେ ଅମ୍ବିକାଙ୍କୁ ପ୍ରଶଂସା କରିଛନ୍ତି। ଏହି ସଫଳତାରେ ଶ୍ରେୟ ଅଧକ୍ଷ ସନାତନ ସାହୁ, ବିଭାଗୀୟ ମୁଖ୍ୟ ଡଃ ପ୍ରମୋଦ କୁମାର ଚୌଧୁରୀ ଓ ସମସ୍ତ ଅଧାପିକା ଓ ଅଧାପକ ଏବଂ ନିଜର ପିତାମାତାଙ୍କୁ ପ୍ରଦାନ କରିଛନ୍ତି।

### ସାମାଜିକ କର୍ମୀଙ୍କ ପରଲୋକ

ରାଇକିଆ,୧୩।୭(ପ୍ରଦୀପ ବେହେରା)-ରାଇକିଆ ଅଞ୍ଚଳର ବର୍ଷୀୟାନ ସାମାଜିକ କର୍ମୀ ଭୀମସେନ ଦିଗାଳ(୮୬)ଙ୍କ ବୁଧବାର ରାତିରେ ନିଜ ଗ୍ରାମ ଗୁଡ୍ଡୁଗୁଡା ସ୍ଥିତ ବାସଭବନରେ ପରଲୋକ ହୋଇଛି। ସେ ଜଣେ ସାମାଜିକ କର୍ମୀ, ମିଷ୍ଟଭାଷୀ, ମେଳାପୀ, ଧର୍ମପରାୟଣ, ପରୋପକାରୀ ବ୍ୟକ୍ତି ଭାବେ ପରିଚିତ ଥିଲେ। ସ୍ଥାନୀୟ ଅଞ୍ଚଳ ରେ ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ ରେ ସେ ଜଡ଼ିତ ଥିଲେ । ୧୯୩୭ରେ ଜନ୍ମିତ ଭୀମସେନ ୧୫ ବର୍ଷ ଧରି ମାସେଡିକିଆ ୱାର୍ଡର ୱାର୍ଡମେମ୍ବର ଭାବେ ନିର୍ବାଚିତ ହୋଇଥିଲେ। ସେ କିଛିଦିନ ହେଲା ଅସୁସ୍ଥ ହୋଇ ଚିକିତ୍ସିତ ହେଉଥିବାବେଳେ ଗତକାଲି ତାଙ୍କର ପରଲୋକ ଘଟିଥିଲା।

### ଘରୋଇ ଚିକିତ୍ସାଳୟ ପରିଦର୍ଶନ କଲେ ଜିଲାପାଳ

ପାରଳାଖେମୁଣ୍ଡି, ୧୩।୭ (ଗିରିଧାରୀ ପରିଛା): ପାରଳାଖେମୁଣ୍ଡି ଠାରେ ଥିବା ବିଭିନ୍ନ ଘରୋଇ ଚିକିତ୍ସାଳୟକୁ ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ପରିଦର୍ଶନ କରିଛନ୍ତି। ଏହି ସମୟରେ ମୁଖ୍ୟ କରି ବିଏସକେୱାଇ କାର୍ଡର ଉପଯୋଗ ସମ୍ପର୍କରେ ପଚାରି ବୁଝିଥିଲେ। ଏହାସହ ଚିକିତ୍ସା ସମ୍ପର୍କିତ ତଥ୍ୟ ମଧ ପଚାରି ବୁଝିଥିଲେ। ସହରର ରବି କ୍ଲିନିକ ଓ ଏନ୍‌ଭି ରାମାରାଓ କ୍ଲିନିକକୁ ଯାଇ ଡାକ୍ତର ରବି କୁମାର ଏବଂ ଏନ.ଭି.ରାମାରାଓଙ୍କ ସହ ଆଲୋଚନା କରିଥିବା ଜଣାପଡିଛି।

### ଇଲେକ୍ଟ୍ରିକାଲ ଦୋକାନରୁ ଚୋରି

ଧରାକୋଟ,୧୩।୭ (ବିଷ୍ଣୁକେଶରୀ ଆଚାର୍ଯ୍ୟ): ଧରାକୋଟ ନିକଟସ୍ଥ ବଡଗଡ ଥାନା ଅର୍ନ୍ତଗତ ଚାରିଛକସ୍ଥିତ ରୁଗୁମୁ ପଞ୍ଚାୟତ ଗ୍ରାମୀଣ ବଜାରରେ ରହିଥିବା ପାତ୍ର ଇଲେକ୍ଟ୍ରିକାଲ ଦୋକାନରୁ ବୁଧବାର ମଧରାତ୍ରରେ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଦୋକାନ ମାଲିକ ସନ୍ତୋଷ ପାତ୍ର ଏ ନେଇ ଅଭିଯୋଗ କରିଛନ୍ତି। ମଧ ରାତ୍ରରେ କେହି ଦୂର୍ବୃତ ଦୋକାନ ତାଲା ଭାଙ୍ଗି ନଗଦ ୪୦ହଜାର ଟଙ୍କା, ଇନ୍‌ଭଟର, ଫ୍ୟାନ, ତାର, ଗ୍ରାଇଣ୍ଡର, ଗିଜର, ପ୍ରେସର କୁକର ଆଦି ପ୍ରାୟ ୪ ଲକ୍ଷ ଟଙ୍କା ର ସାମଗ୍ରୀ ଚୋରି କରି ନେଇଯାଇଛି। ବଡଗଡ ଥାନା ଅଧିକାରୀ ସୁରଜ ଝଙ୍କାର ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି ।

# ବସ୍‌ଷ୍ଟାଣ୍ଡ,ଚିକିତ୍ସାଳୟ,ବିଦ୍ୟାଳୟ ଲାଗି ଜମି ଦିଅ

■ ରାଜସ୍ୱ ଲକ୍ଷ୍ୟ ପୂରଣ ନିର୍ଦ୍ଦେଶ
■ ଚଢ଼ାଉ ଉପରେ ଗୁରୁତ୍ୱ

ଛତ୍ରପୁର,୧୩।୭(ସନ୍ତୋଷ ପାଢ଼ୀ)

ଗଞ୍ଜାମ ଜିଲାପାଳଙ୍କ ସଦ୍‌ଭାବନା ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦିବ୍ୟଜ୍ୟୋତି ପରିଡା ବୈଠକରେ ଅଧ୍ୟକ୍ଷତା କରିଥିଲେ। ଜିଲାପାଳ ସମସ୍ତ ତହସିଲଦାରମାନଙ୍କୁ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସକାଶେ ଆବଶ୍ୟକ ହେଉଥିବା ସରକାରୀ ଜମିଗୁଡିକ ଚିହ୍ନଟ କରି ବସ୍‌ଷ୍ଟାଣ୍ଡ, ଚିକିତ୍ସାଳୟ, ବିଦ୍ୟାଳୟ ଆଦିକୁ ଯଥାଶୀଘ୍ର ହସ୍ତାନ୍ତର କରିବାକୁ କହିଛନ୍ତି । ବେବନ୍ଦୋବସ୍ତ ଜମିଗୁଡିକ ମଧ ବନ୍ଦୋବସ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଗ୍ରାମକଣ୍ଠ ପରମଭୋକ ଜମିଗୁଡିକ ଯଥାଶୀଘ୍ର ବନ୍ଦୋବସ୍ତ କରିବାକୁ କହିଥିଲେ। ଜିଲାରେ ୧୪୩ଟି ସଇରାତ ଉତ୍ସ କାର୍ଯ୍ୟକ୍ଷମ ରହିଛି । ଯଥାଶୀଘ୍ର ସେଗୁଡିକ ଷ୍ଟିଲ ଏବଂ ମାଇନ୍ସ ବିଭାଗକୁ ହସ୍ତାନ୍ତର ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଜଣାଇଥିଲେ।

ଓଡିଶା ରାଜ୍ୟ ପରିବହନ ବିଭାଗ ବସଗୁଡିକ ୨ ମାସ ମଧରେ କାର୍ଯ୍ୟକ୍ଷମ



ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟମାନେ ।

ହେବ। ବସ ରହିବା ଡିପୋ ସକାଶେ ଜାଗା ଚିହ୍ନଟ କରିବାକୁ କୁହାଯାଇଛି। ଓପିଟିସିଏଲ ସକାଶେ ୫୦ ଏକର ଜାଗା ଦିଆଯିବ । ସେଥି ନିମନ୍ତେ ପଦକ୍ଷେପ ଗ୍ରହଣ କରିବାକୁ ସମ୍ପୃକ୍ତ ତହସିଲଦାରମାନଙ୍କୁ ଜିଲାପାଳ ଜଣାଇଥିଲେ। ଅବକାରୀ ବିଭାଗକୁ ଚଳିତ ଆର୍ଥିକ ବର୍ଷ ୨୦୨୩-୨୪ ସକାଶେ ୯୮.୪ କୋଟି ଲକ୍ଷ୍ୟ ଧାର୍ଯ୍ୟ ରଖାଯାଇଛି। ତନ୍ମଧ୍ୟରୁ ୨୩.୧୮ କୋଟି ଏ ଯାବତ ଆଦାୟ ହୋଇଛି। ଏହାକୁ ବ୍ୟାପକ କରି ଡିସେମ୍ବର ଶେଷ ସୁଦ୍ଧା ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଗଞ୍ଜାମ ନିମନ୍ତେ ୯୬.୬୫ କୋଟି ଲକ୍ଷ୍ୟ ରଖାଯାଇଛି। ଏଯାବତ ୨୧.୮୭ କୋଟି ଆଦାୟ ହୋଇଛି । ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଭଞ୍ଜନଗର ସକାଶେ ଚଳିତ ଆର୍ଥିକ ବର୍ଷରେ ୬୧.୪ କୋଟି ଲକ୍ଷ୍ୟ ରଖାଯାଇଥିବା ସ୍ଥଳେ ୩.୪୨ କୋଟି ଆଦାୟ ହୋଇଛି । ଲକ୍ଷ୍ୟ ଧାର୍ଯ୍ୟ ସମୟ ସୀମା ମଧ୍ୟରେ ପୂରଣ କରିବାକୁ ଉଭୟ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜିଲାର ବିଭିନ୍ନ ସ୍ଥାନରେ ବସଷ୍ଟାଣ୍ଡ ସକାଶେ ଜାଗା ଚିହ୍ନଟ ହୋଇଛି। ଆଞ୍ଚଳିକ ପରିବହନ ବିଭାଗ ଉକ୍ତ ସ୍ଥାନ ତଦାରଖ କରି ବସଷ୍ଟାଣ୍ଡ ସକାଶେ ଉପଯୁକ୍ତ ନାଁ ନାହିଁ ଜଣାଇଲେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ । ସେହିପରି ବସ୍ ଡିପୋ ଲାଗି ଚିହ୍ନଟ ସ୍ଥାନ ଦେଖି ଜଣାଇବାକୁ କୁହାଯାଇଛି । ମୋ ଘର ଯୋଜନାରେ ହିତାଧିକାରୀମାନଙ୍କ ସକାଶେ ଆବଶ୍ୟକ ପଡୁଥିବା ବିଭିନ୍ନ ପ୍ରମାଣପତ୍ର ତୁରନ୍ତ ପ୍ରଦାନ କରିବାକୁ କୁହାଯାଇଛି। ଜମି ଜମା ବାବଦ ସମସ୍ୟା ସମ୍ପର୍କିତ ସୁବିସ୍ତୃତ ଆଲୋଚନା ହୋଇଛି। ସେଗୁଡିକ ଆସନ୍ତା ବୈଠକ ପୂର୍ବରୁ ଯେଭଳି ସମାଧାନ ହେବ ସେ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ କୁହାଯାଇଛି । ତହସିଲ ପକ୍ଷରୁ ହେଉଥିବା ଚଢାଉକୁ ବ୍ୟାପକ କରିବାକୁ ଜିଲାପାଳ କହିଛନ୍ତି। ବୈଠକରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ପ୍ରିୟା ରଞ୍ଜନ ପୃଷ୍ଟି ପ୍ରାରମ୍ଭିକ ସୂଚନା ପ୍ରଦାନ କରି ସମୀକ୍ଷା କରିଥିଲେ। ବ୍ରହ୍ମପୁର ଉପଜିଲାପାଳ ଆଶୁତୋଷ କୁଲକର୍ଣ୍ଣୀ, ଛତ୍ରପୁର ଉପଜିଲାପାଳ ପ୍ରସନ୍ନ କୁମାର ପାତ୍ର, ଭଞ୍ଜନଗର ଉପଜିଲାପାଳ ଜ୍ୟୋତି ରଞ୍ଜନ ରାୟ, ଆଞ୍ଚଳିକ ପରିବହନ ଅଧିକାରୀ ମାନସ ରଞ୍ଜନ ସାହୁ, ଡେପୁଟି କଲେକ୍ଟର (ରାଜସ୍ୱ) ପ୍ରକାଶ କୁମାର ଦାସ, ଭୂ ଅର୍ଜନ ଅଧିକାରୀ ଦୟାସିନ୍ଧୁ ପରିଡା, ସମସ୍ତ ତହସିଲଦାର ଉପସ୍ଥିତ ଥିଲେ ।

## ବିଡିଓଙ୍କ ବିଭିନ୍ନ ପ୍ରକଳ୍ପ ପରିଦର୍ଶନ

ଦାରିଙ୍ଗବାଡ଼ି,୧୩।୭(ଅରୁଣ ସାହୁ)

ଦାରିଙ୍ଗବାଡ଼ି ବ୍ଲକ ସିମନବାଡ଼ି ପଞ୍ଚାୟତ ଅଞ୍ଚଳକୁ ଗୁରୁବାର ସ୍ଥାନୀୟ ବିଡିଓ ଗଦାଧର ପାତ୍ର ଗସ୍ତକରି ଦଡିବାଡ଼ି ଗାଁ ସମେତ କୁଡ଼ିମୁଞ୍ଜା, ଲାରିବାଡ଼ି, ସିମନବାଡ଼ି ଆଦି ଅଞ୍ଚଳରେ ଚାଲିଥିବା ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରିଛନ୍ତି। ସିମନବାଡ଼ି ପୋଖରୀ ପୁନରୁଦ୍ଧାର, ଜଗନ୍ନାଥ ମନ୍ଦିର କାର୍ଯ୍ୟ ସମେତ ଲାରିବାଡ଼ି ବିଦ୍ୟାଳୟକୁ ଯାଇ ଛାତ୍ରୀଛାତ୍ରମାନଙ୍କୁ ପାଠ ସମ୍ପର୍କରେ ପଚାରି ବୁଝିବା ସହ ବିଦ୍ୟାଳୟ ପାଚେରି ନିର୍ମାଣ କାର୍ଯ୍ୟକୁ ଦେଖି ଶୀଘ୍ର ସାରିବାକୁ ଗ୍ରାମ ରୋଜଗାର ସେବକ କେଦାରନାଥ ସାହୁଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ଅଙ୍ଗନୱାଡି କେନ୍ଦ୍ରକୁ ଯାଇ ଛତୁଆ ସହ ଶିଶୁଙ୍କ ଖାଦ୍ୟ ଯାଞ୍ଚ କରିବା ସହିତ ସେଠାକାର ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଉକ୍ତ ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଜିଏସ୍ କାର୍ଯ୍ୟରେ ଏକାଧିକ ପ୍ରକଳ୍ପରେ ଅର୍ଥ ତୋସରପାତ କରାଯାଉଥିବା ଅଭିଯୋଗ ହୋଇଥିଲା। ସେହି ଯୋଜନାରେ ଚାଲିଥିବା କାର୍ଯ୍ୟ ସମ୍ପର୍କରେ ଜିଆର୍‌ଏସ୍ କେଦାର ସାହୁଙ୍କ ସହ ସେ ଆଲୋଚନା କରିଥିଲେ।

### ଆବାସ ଯୋଜନାରେ ଭିନ୍ନକ୍ଷମଙ୍କୁ ସଂରକ୍ଷଣ ମାମଲା

# ରାଜ୍ୟ ସରକାରଙ୍କୁ ରିପୋର୍ଟ ମାଗିଲେ ହାଇକୋର୍ଟ

ପାରଳାଖେମୁଣ୍ଡି, ୧୩।୭ (ଗିରିଧାରୀ ପରିଛା):

ଭିନ୍ନକ୍ଷମ ଅଧିକାର ଅଧିନିୟମ ୨୦୧୬ ଆଇନ ଅନୁଯାୟୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଭିନ୍ନକ୍ଷମମାନଙ୍କ ପାଇଁ ୫ ପ୍ରତିଶତ ସ୍ଥାନ ସଂରକ୍ଷଣ ରଖାଯାଇଛି। କେନ୍ଦ୍ର ସରକାର ୨୦୧୮ ଓ ୨୦୧୯ରେ ଦୁଇ ଥର ରାଜ୍ୟ ସରକାରଙ୍କୁ ଚିଠି କରିଥିବା ସତ୍ତ୍ୱେ ଓଡ଼ିଶା ସରକାର ତାହାକୁ ଅଣଦେଖା କରିଛନ୍ତି। ଚଳିତ ବର୍ଷ ସମସ୍ତଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରି ଗୃହ ଯୋଗାଇ ଥିବା ବେଳେ ଭିନ୍ନକ୍ଷମମାନେ ବାଦ ପଡିଛନ୍ତି । ଉକ୍ତ ଆବାସ ଯୋଜନାରେ ଭିନ୍ନକ୍ଷମମାନଙ୍କୁ ୫ପ୍ରତିଶତ ସ୍ଥାନ ସଂରକ୍ଷଣ କରି ଗୃହ ଯୋଗାଇ ଦେବା ପାଇଁ ଓଡ଼ିଶା ବିକଳାଙ୍ଗ ମଞ୍ଚ ତରଫରୁ ଦୀର୍ଘଦିନ ଧରି ଜିଲାସ୍ତରରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ ତାର କୌଣସି ସୁଫଳ ନମିଳିବାରୁ ମଞ୍ଚ ତରଫରୁ ରାଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସେଥିରେ ମଧ କୌଣସି ସୁଫଳ ନମିଳିବାରୁ ଗତ ଜୁନ ୨୧ରେ ଓଡ଼ିଶା ବିକଳାଙ୍ଗ ମଞ୍ଚର ରାଜ୍ୟ ସଭାପତି ନିରଞ୍ଜନ ବେହେରା ଉଚ୍ଚତମ ନ୍ୟାୟାଳୟଙ୍କ ଦାରସ୍ଥ ହୋଇଥିଲେ। ଉଚ୍ଚତମ ନ୍ୟାୟାଳୟରେ ଆବାସିକ ଯୋଜନା ଉପରେ ଏକ ମାମଲା ରୁଜୁ କରି ଗତ ୭ ତାରିଖ ଦିନ ଓଡ଼ିଶା ସରକାରଙ୍କ ନିକଟକୁ ଏକ ନୋଟିସ ପଠାଇଛନ୍ତି, ଯେଉଁଥିରେ କି ସେ ଆଦେଶ ଦେଇଛନ୍ତି ଯେ ଚଳିତବର୍ଷ ଗଜପତି ଜିଲା ସମେତ ରାଜ୍ୟରେ ଥିବା ୩୦ଟି ଜିଲାରେ କେତେ ଘର ଭିନ୍ନକ୍ଷମମାନଙ୍କୁ ଦିଆଯାଇଛି ତାହାର ଏକ ରିପୋର୍ଟ ଦାଖଲ କରିବା ସହିତ ଯଦି ଦିଆଯାଇ ନାହିଁ ତାହାର କାରଣ କ’ଣ । ଏସବୁର ରିପୋର୍ଟ ଦାଖଲ କରିବା ପାଇଁ ଆଦେଶ ଦେଇଥିବା ଓଡ଼ିଶା ବିକଳାଙ୍ଗ ମଞ୍ଚର ରାଜ୍ୟ ସଭାପତି ବେହେରାଙ୍କ ସମେତ ଓଡ଼ିଶା ବିକଳାଙ୍ଗ ମଞ୍ଚ ଗଜପତି ଶାଖାର କର୍ମକର୍ତ୍ତା ଗଣ ସୂଚନା ପ୍ରଦାନ କରିଛନ୍ତି ।

## ଆକ୍ରମଣ ଅଭିଯୋଗ, ଜଣେ ଗିରଫ

ହିଞ୍ଜିଳିକାଟୁ, ୧୩।୭ (ଦ୍ୱିତୀକୃଷ୍ଣ ପଣ୍ଡା):

ଆକ୍ରମଣ ଅଭିଯୋଗରେ ଗୁରୁବାର ହିଞ୍ଜିଳି ପୋଲିସ ବାଦିଆମ୍ବଗାଁର ଡାକ ଜେନାଙ୍କୁ କୋର୍ଟ ଚାଲାଣ କରିଛି। କୌଣସି କାରଣକୁ ନେଇ ବୁଧବାର ବାଦିଆମ୍ବଗାଁର କୃଷ୍ଣ ସାହୁ ଓ ଡାକ ଜେନାଙ୍କ ମଧରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ରାଗିଯାଇ ଡାକ ଏକ ବାଉଁଶରେ କୃଷ୍ଣଙ୍କ ପୁଅ ସନ୍ତୋଷଙ୍କୁ ଆକ୍ରମଣ କରିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ପରିବାର ଲୋକେ ହିଞ୍ଜିଳିକାଟୁ ଡାକ୍ତରଖାନା ପରେ ବ୍ରହ୍ମପୁର ମେଡିକାଲରେ ଭର୍ତ୍ତି କରିଛନ୍ତି। କୃଷ୍ଣଙ୍କ ଅଭିଯୋଗ କ୍ରମେ ପୋଲିସ ନଂ. ୪୯୪/୨୩ରେ ମାମଲା ରୁଜୁ କରି ଡାକଙ୍କୁ ଗିରଫ କରିଥିଲା।

## ବିଭିନ୍ନ ଅନୁଷ୍ଠାନରେ ଚାରା ରୋପଣ



ବ୍ଲକ ଅଧକ୍ଷ ସୁଶାନ୍ତ ପ୍ରଧାନ ଓ ଅନ୍ୟମାନେ ଚାରାରୋପଣ କରୁଛନ୍ତି।

ଦାରିଙ୍ଗବାଡ଼ି,୧୩।୭(ଅରୁଣ ସାହୁ)

ଦାରିଙ୍ଗବାଡ଼ି ବ୍ଲକ ବାଡ଼ାବାଙ୍ଗା ପଞ୍ଚାୟତ କାର୍ଯ୍ୟାଳୟରେ ବ୍ଲକ ଅଧକ୍ଷ ସୁଶାନ୍ତ କୁମାର ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ଚାରା ରୋପଣ କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ସରପଞ୍ଚ ପ୍ରସନ୍ନ କୁମାର ପ୍ରଧାନ, ସମିତି ସଭ୍ୟ ବୀରେନ୍ଦ୍ର ପ୍ରଧାନ, ଜିଆର୍‌ଏସ୍ ବିଜୟ କୁମାର ସାହୁ, ସାମାଜିକ କର୍ମୀ ମନୋଜ ନାୟକ ଯୋଗଦେଇଥିଲେ। ଦାରିଙ୍ଗବାଡ଼ି ବନାଞ୍ଚଳ ସିମନବାଡ଼ି ସେକ୍ସନର ବନପାଳ ରବିମୋହନ ନାୟକ, ବନରକ୍ଷୀ ସ୍ୱପ୍ନାରାଣୀ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମସ୍ତ ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ଚାରା ରୋପଣ କାର୍ଯ୍ୟକ୍ରମ କରାଯିବାକୁ ଲକ୍ଷ୍ୟ ରଖାଯାଇଛି।

# ପ୍ରଶାସନର ଦ୍ୱାରସ୍ଥ ହେଲେ ସୁଭଦ୍ରା ବିହାରବାସୀ

ପାରଳାଖେମୁଣ୍ଡି,୧୩।୭(ଗିରିଧାରୀ ପରିଛା):

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସହରର ସୁଭଦ୍ରା ବିହାରରେ ବିଭିନ୍ନ ସମସ୍ୟା ନେଇ ସ୍ଥାନୀୟ ବାସିନ୍ଦା ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ସୂଚନା ପ୍ରକାରେ, ଉକ୍ତ ସୁଭଦ୍ରା ବିହାର ସ୍ଥାପିତ ପରଠାରୁ ଅଞ୍ଚଳବାସୀ ମୌଳିକ ସୁବିଧାରୁ ବଞ୍ଚିତ ରହିଥିବା ଅଭିଯୋଗ କରିଛନ୍ତି। ରାସ୍ତାଠାରୁ ଆରମ୍ଭ କରି ନାଳ ସମସ୍ୟା, ଜଳ ନିଷ୍କାସନ ନ ହେବା, ସହରର ମଇଳା ତଥା ଆବର୍ଜନାଗୁଡିକ ବର୍ଷାରେ ବୋହି ଆସି ଜମାଟ ହେବା, କଦର୍ଯ୍ୟ ପରିବେଶ ଯୋଗୁଁ ଘରଗୁଡିକରେ ସରୀସୃପ ପଶିଯିବା, ମଶାର ପ୍ରାଦୁର୍ଭାବ ବଢିବା ଭଳି ବିଭିନ୍ନ ସମସ୍ୟାଗୁଡ଼ିକୁ ନେଇ ସ୍ଥାନୀୟ ଗୃହିଣୀମାନେ ଅଭିଯୋଗ କରିଥିଲେ। ଉଲ୍ଲେଖିତ



ଅତିରିକ୍ତ ଜିଲାପାଳଙ୍କୁ ମହିଳାମାନେ ଦାବିପତ୍ର ପ୍ରଦାନ କରୁଛନ୍ତି ।

ସମସ୍ୟା ଗୁଡିକୁ ବାରମ୍ବାର ବିଭିନ୍ନ ସ୍ତରରେ ଅବଗତ କରାଯାଇଥିଲେ ମଧ କୌଣସି ଦୃଷ୍ଟି ପଦକ୍ଷେପ ନିଆଯାଇ ନଥିବା ଜଣାଇଛନ୍ତି। ଆଗାମୀ ଦିନରେ ଏହି ସମସ୍ୟାଗୁଡିକର ସମାଧାନ ନ ହୁଏ ତେବେ ଆନ୍ଦୋଳାତ୍ମକ ପନ୍ଥା ନେବାକୁ ବାଧ ହେବୁ ବୋଲି ଚେତାବନୀ ଦେଇଛନ୍ତି। ଏହି ସମସ୍ୟାଗୁଡିକର ସମାଧାନ କରିବା ପାଇଁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମିଞ୍ଜଙ୍କୁ ଏକ ଲିଖିତ ଅଭିଯୋଗ ଦେବା ସହ ଉକ୍ତ ସମସ୍ୟାଗୁଡ଼ିକର ସମାଧାନ କରିବା ପାଇଁ ଅନୁରୋଧ କରିଥିଲେ।

# ମୁକ୍ତା ଯୋଜନାରେ ଏସ୍‌ଏଚ୍‌ଜିଙ୍କୁ କାର୍ଯ୍ୟାଦେଶ ବଣ୍ଟନ

ଆସିକା,୧୩।୭(ସୁରେନ୍ଦ୍ର ନାଥ ସାହୁ)

ଆସିକା ଏନ୍‌ଏସି ପକ୍ଷରୁ ଗୁରୁବାର ଏନ୍‌ଏସି କାର୍ଯ୍ୟାଳୟ ପରିସରରେ ରାଜ୍ୟ ସରକାରଙ୍କ ମୁକ୍ତା ଯୋଜନାରେ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ ଓ ଭାତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏନ୍‌ଏସି ଅଧକ୍ଷା ବିନେତା ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆସିକା ଏମ୍‌ପି ପ୍ରମିଳା ବିଷୋୟୀ, ବିଧାୟିକା ମଞ୍ଜୁଳା ସ୍ୱାଇଁ, ଏମ୍‌ପି ପ୍ରତିନିଧି ସତ୍ୟନାରାୟଣ ସ୍ୱାଇଁ ଓ ଏନ୍‌ଏସି ଉପାଧକ୍ଷା ଜୟନ୍ତୀ ବିଷୋୟୀ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ଲୋକନାଥ ବେଜ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏତଦ ଅବସରରେ ଆସିକା ଏନ୍‌ଏସିର ବିଭିନ୍ନ ୱାର୍ଡରେ ଉନ୍ନୟନ ମୂଳକ କାର୍ଯ୍ୟ ଲାଗି ପ୍ରସ୍ତୁତ ୪୧ଟି ପ୍ରକଳ୍ପ ପାଇଁ ୩ କୋଟି ୩୧ଲକ୍ଷ ୫୦ହଜାର ଟଙ୍କାର କାର୍ଯ୍ୟାଦେଶ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀକୁ ପ୍ରଦାନ କରାଯାଇଥିଲା। ମଧୁବାବୁ ପେନସନ ଯୋଜନାରେ ନୂତନ ଭାବେ ସାମିଲ ହୋଇଥିବା ୩୩ଜଣ ହିତାଧିକାରୀଙ୍କୁ ଅତିଥିମାନେ ବିଧବା ଓ ଭିନ୍ନକ୍ଷମ ଭାତ୍ତା ପ୍ରଦାନ କରିଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମରେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ବିଭିନ୍ନ ବିଦ୍ୟାଳୟରେ ପ୍ରଥମ ସ୍ଥାନ ଅଧିକାର କରିଥିବା ୪ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ଏନ୍‌ଏସି ପକ୍ଷରୁ ୧୧ହଜାର ଟଙ୍କା ଲେଖାଏ ଅର୍ଥ ରାଶି ସହ ପ୍ରଶଂସା ପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା । ପ୍ରସଂଶିତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀ ସୁଜ୍ଞାନୀ କୁମାରୀ ପାଢୀ, ସରକାରୀ ବାଳିକା ବିଦ୍ୟାଳୟର ଛାତ୍ରୀ ବୈଶାଳି ବେହେରା, ହରିହର ହାଇସ୍କୁଲର ଛାତ୍ର ଓମ ରାଉତ ଏବଂ ଏନ୍‌ଏସି ନୋଡାଲ ହାଇସ୍କୁଲର ଛାତ୍ରୀ ସୁଇଟି ସାହୁ ରହିଛନ୍ତି।

# ଶ୍ରେଣୀଗୃହ ନିର୍ମାଣ ଦାବି କଲେ ଛାତ୍ରୀଛାତ୍ର

ଆସିକା,୧୩।୭(ସୁରେନ୍ଦ୍ର ନାଥ ସାହୁ):

ଆସିକା ଏନଏସିର ୧୬ ନମ୍ବର ୱାର୍ଡ ଲଛମନପଲ୍ଲୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଯାଏଁ ରହିଥିଲେ ମଧ ମାତ୍ର ୩ଟି ଶ୍ରେଣୀଗୃହରେ ଶିକ୍ଷାଦାନ ଚାଲିଛି । ଏଭଳି ସ୍ଥିତିରେ ଭାଙ୍ଗି ଦିଆଯାଇଥିବା ଶ୍ରେଣୀଗୃହ ତୁରନ୍ତ ନିର୍ମାଣ ଦାବିରେ ଛାତ୍ରୀଛାତ୍ରମାନେ ବୁଧବାର ବ୍ଲକ ଆସି ବିଡିଓଙ୍କୁ ସମସ୍ୟା ଜଣାଇଥିଲେ । ବିଡିଓ ଫକୀର ଚରଣ ପରିଡା ସେମାନଙ୍କୁ ବ୍ଲକ ସମ୍ମିଳନୀ କକ୍ଷରେ ବସାଇ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଗୋଷ୍ଠି ଶିକ୍ଷାଧିକାରୀ ମୃଣାଳି ମହାନ୍ତି ଛାତ୍ରୀଛାତ୍ରଙ୍କୁ ବୁଝାଇ ପୁଣି ବିଦ୍ୟାଳୟରେ ଛାଡିଛନ୍ତି।

ଘଟଣା ସମ୍ପର୍କରେ ସଂପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ବେହେରାଙ୍କୁ ପଚାରିବାରୁ ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ଅଭିଭାବକମାନଙ୍କୁ ବିଦ୍ୟାଳୟକୁ ଡାକି ଆଲୋଚନା ଲାଗି ପରାମର୍ଶ ଦେଇଥିବା କହିଥିଲେ। ତେବେ କେଉଁ ପରିସ୍ଥିତିରେ ଛାତ୍ରୀଛାତ୍ର ବ୍ଲକ



ଛାତ୍ରୀଛାତ୍ରଙ୍କୁ ଗୋଷ୍ଠୀ ଶିକ୍ଷାଧିକାରୀ ବୁଝାଉଛନ୍ତି।

କାର୍ଯ୍ୟାଳୟରେ ପହଞ୍ଚିଲେ ତାହା ସେ ଜାଣି ନ ଥିବା କହିଛନ୍ତି। ଶ୍ରେଣୀଗୃହ ନିର୍ମାଣ ଲାଗି ପୂର୍ବରୁ ୨ଥର ଏନଏସି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ଗୋଷ୍ଠି ଶିକ୍ଷାଧିକାରୀ ମହାନ୍ତି ପ୍ରକାଶ କରିଛନ୍ତି । ଅନ୍ୟପକ୍ଷରେ ଏନଏସି ନିର୍ବାହୀ ଅଧିକାରୀ ଲୋକନାଥ ବେଜ କହିଛନ୍ତି, ଏନଏସି ଅଞ୍ଚଳର ବିଦ୍ୟାଳୟ ସବୁ ଏନଏସିକୁ ହସ୍ତାନ୍ତର କରାଯାଇଥିଲେ ମଧ ଏହି ଗୃହ ନିର୍ମାଣ ଲାଗି ଏନଏସି ପାଖରେ କୌଣସି ପାଣ୍ଠି ନାହିଁ । ଏହି ସ୍ଥିତି ସମ୍ପର୍କରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଆବଶ୍ୟକ ଅର୍ଥ ବ୍ୟବସ୍ଥା ପରେ ଏହି କାର୍ଯ୍ୟ ଯଥାଶୀଘ୍ର କରାଯିବ ବୋଲି ପ୍ରକାଶ କରିଛନ୍ତି । ସୂଚନାଯୋଗ୍ୟ, ବିଦ୍ୟାଳୟର ବିପଦସଙ୍କୁଳ ଅବସ୍ଥାରେ ଥିବା ୫ଟି ଶ୍ରେଣୀ ଗୃହକୁ ଗତ ସେପ୍ଟମ୍ବରରୁ ଏନଏସି ପକ୍ଷରୁ ଭଙ୍ଗା ଯାଇଥିଲେ ମଧ ଅଦ୍ୟାବଧି ଏହା ନିର୍ମାଣ କରାଯାଇନାହିଁ।

# ଗୁହାରି ଶୁଣୁନି ପ୍ରଶାସନ,ଦୁର୍ଦ୍ଦଶାରେ ୬ ପ୍ରାଣୀ

## ପ୍ରଧାନମନ୍ତ୍ରୀ ଆବାସ ପାଲଟିଛି ସାତସପନ

ବୁଗୁଡ଼ା,୧୩।୭(କାଳି ଚରଣ ଦାଶ)

ଦେଶରେ କେହି ବାସହୀନ ରହିବେ ନାହିଁ ଏବଂ ଭଙ୍ଗା ଦଦରା କୁଡ଼ିଆରେ ଯେପରିକେହି ଦୁର୍ବିଷହ ଜୀବନ ନ ବିତାଇବେ ସେଥିପାଇଁ ସରକାରଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ରହିଛି। ଏହି ସରକାରୀ ଯୋଜନା ବାଟ ହୁଡ଼ି ଅବାଟରେ ଯାଉଥିବାର ଜ୍ୱଳନ୍ତ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ବୁଗୁଡ଼ା ବ୍ଲକର ବରଡ଼ିପଲ୍ଲୀ ଗ୍ରାମରେ। ସେହି ଗ୍ରାମର ଦିନ ମଜୁରିଆ ରାଜେନ୍ଦ୍ର ପାତ୍ର ସ୍ତ୍ରୀ ଓ ୪ ପିଲାଙ୍କୁ ନେଇ ପିପୁଲ୍ସ କଲେଜ ନିକଟସ୍ଥ ଏକ ଭଙ୍ଗା ଦଦରା ଚାଳ ଛପର କୁଡ଼ିଆରେ ଦୁର୍ବିଷହ ଜୀବନ ବିତାଉଛନ୍ତି। ରାଶନ କାର୍ଡରେ ୪ ପିଲାଙ୍କ ନାମ ଚଢ଼ି ନ ଥିବାରୁ କେବଳ ସ୍ୱାମୀ ଓ ସ୍ତ୍ରୀଙ୍କୁ ୫ କେଜି ହିସାବରେ ମାସିକ ୧୦ କେଜି ଚାଉଳ ମିଳୁଛି। ୬ ପ୍ରାଣୀ କୁଟୁମ୍ବଙ୍କ ମୁହଁରେ ଆହାର ଜୁଟାଇବାକୁ ରାଜୁଙ୍କୁ ଦିନ ମଜୁରିଆ ଭାବେ ଖଟିବାକୁ ପଡୁଥିବା ବେଳେ ଛପର ଉଡ଼ା ଏବଂ କାଠବଲା ଠେସରେ ଥିବା ଝଟିମାଟି କାନ୍ଥକୁ ସଜାଡ଼ିବାକୁ ସେ ସକ୍ଷମ ହୋଇପାରୁନାହାନ୍ତି। ତାଙ୍କର ଅବସ୍ଥା ଅସ୍ୱଚ୍ଛଳ ଥିବାରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ



ଭଙ୍ଗା ଦଦରା ଚାଳଛପର କୁଡ଼ିଆରେ ରାଜେନ୍ଦ୍ର ପାତ୍ର ଓ ପରିବାର।

ଘର ଖଣ୍ଡିଏ ପାଇବା ପାଇଁ ସ୍ତ୍ରୀ ସୁକାନ୍ତି ଜେନା ବ୍ଲକ ପ୍ରଶାସନ ନିକଟରେ ଆବେଦନ କରିଥିଲେ। ଆବେଦନକ୍ରମେ ପ୍ରଶାସନିକ ସର୍ଭେ ପରେ ଯୋଗ୍ୟ ହିତାଧିକାରୀ ତାଲିକାରେ ସୁକାନ୍ତିଙ୍କ ନାମ ରହିଥିଲେ ସୁଦ୍ଧା ଘର ମିଳିପାରୁନାହିଁ। ଗତ କାଳବୈଶାଖୀ ତାଣ୍ଡବ ପରଠାରୁ ବିପଜ୍ଜନକ ଅବସ୍ଥାରେ ରହିଥିବା ଭଙ୍ଗା ଦଦରା କୁଡ଼ିଆରେ ତାଙ୍କର ପରିବାର ମୁଣ୍ଡ ଗୁଞ୍ଜୁଥିବା ବେଳେ ସାମାନ୍ୟ ବର୍ଷା ହେଲେ ଅନ୍ୟ ବାରଣ୍ଡାରେ ଆଶ୍ରୟ ନେବାକୁ ପଡୁଛି। ଗତ ମାସରେ ପରିବାର ଲୋକେ ଶୋଇଥିବା ବେଳେ ଷଷ୍ଠଶ୍ରେଣୀରେ ପଢୁଥିବା ଝିଅ ପୂର୍ଣ୍ଣିମା ସାପକାମୁଡ଼ାର ଶିକାର ହେବା ପରଠାରୁ ସମସ୍ତେ ସେହି ଭଙ୍ଗା କୁଡ଼ିଆରେ ଅସୁରକ୍ଷିତ ଭାବେ ଜୀବନ ବିତାଉଛନ୍ତି। ଜନ ପ୍ରତିନିଧିମାନେ ସୁକାନ୍ତିଙ୍କ କୁଡିଆକୁ ଯାଇ ତାଙ୍କ ପରିବାରର ଦୁର୍ଦ୍ଦଶାକୁ ହୃଦୟଙ୍ଗମ କରି ସରକାର ଆବାସ ଖଣ୍ଡେ ଯୋଗାଇଦେବା ଉଚିତ ବୋଲି କହୁଥିଲେ ହେଁ କୌଣସି ପ୍ରକାର ସାହାଯ୍ୟ କରିପାରୁନାହାନ୍ତି। ପ୍ରଶାସନିକ ପକ୍ଷପାତିତା ଯୋଗୁ ଆବାସ ଯୋଜନା ବାଟବଣା ହୋଇ ଧନିକଙ୍କ ପାଖରେ ଆବାସ ପହଞ୍ଚୁଥିବା ବେଳେ ଗରିବକୁ ନିରାଶ ହେବାକୁ ପଡୁଛି ବୋଲି ସାଧାରଣରେ ଆଲୋଚନା ହେଉଛି। ଏ ନେଇ ବିଡିଓ ବାସୁଦେବ ନାୟକଙ୍କ ଦୃଷ୍ଟି ଆକର୍ଷଣ କରାଯିବାରେ ସେ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରକାଶ କରିଛନ୍ତି।

## ମାର୍ବଲ ମିସ୍ତ୍ରୀଙ୍କ ମୃତଦେହ ଜବତ

ଦିଗପହଣ୍ଡି,(ଅଶେଷ ନାଥ ମିଶ୍ର): ଦିଗପହଣ୍ଡି ଥାନା ଅନ୍ତର୍ଗତ ମୌଳାଭଞ୍ଜା ଗ୍ରାମ ନିକଟରୁ ଗୁରୁବାର ସକାଳେ ଏକ ମୃତଦେହ ଜବତ କରାଯାଇଛି। ମୃତକ ହେଉଛନ୍ତି ଛଣମେରି ଗ୍ରାମର ମାର୍ବଲ ମିସ୍ତ୍ରୀ ସୀତାରାମ ରାଉଳ। ଚିକିଟି ଏସଡିପିଓ କୃଷ୍ଣଚନ୍ଦ୍ର ଭତ୍ରା, ଦିଗପହଣ୍ଡି ଥାନା ଆଇଆଇସି ଦୀପ୍ତିରଞ୍ଜନ ବେହେରାଙ୍କ ଉପସ୍ଥିତିରେ ପୋଲିସ ସାଇଣ୍ଟିଫିକ ଟିମ୍ ତଦନ୍ତ କରାଯାଇଛି। ଯୁବକ ଜଣକ କୀଟନାଶକ ପିଇ ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ପୋଲିସ ଅପମୃତ୍ୟୁ ମାମଲା ନଂ.୫/୨୩ ରୁଜୁ କରିଛି। ମୃତଦେହ ନିକଟରୁ ଏକ ବାଇକ ମିଳିଛି। ସୂଚନାଯୋଗ୍ୟ, ମଙ୍ଗଳବାର ଅପରାହ୍ନରେ ସୀତାରାମ ତାଙ୍କ ବାପାଙ୍କ ସହ ପାଟିତୁଣ୍ଡ କରି ଘରୁ ପଳାଇଯାଇଥିଲେ।

### ଆଜି କ'ଣ କେଉଁଠି

ବୁଗୁଡ଼ା

- ମହାବୀର ସ୍ପୋର୍ଟ୍ସ ହବ୍‌ର ଶୁଭାରମ୍ଭ। ସ୍ଥାନ–ପଶୁ ଡାକ୍ତରଖାନା ଛକ, ସମୟ–ପୂର୍ବାହ୍ନ ସାଢ଼େ ୧୨ଟା।

### ସଂକ୍ଷେପରେ

## ଅଭିଯୁକ୍ତ ଣଣନ୍ଦେଇ କୋର୍ଟଚାଲାଣ

### ଝିଅ ଘରେ ଗୁଳିମାଡ଼ରେ ବାପାଙ୍କ ମୃତ୍ୟୁ ଘଟଣା

**ପୋଲସରା, ୧୩।୭ (ସୁବ୍ରତ ବେହେରା):** ଝିଅର ଶାଶୁଘରକୁ ଆସିଥିବା ବାପା ଗୁଳିମାଡ଼ରେ ପ୍ରାଣ ହରାଇବା ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଉଛନ୍ତି ଝିଅର ନଣନ୍ଦେଇ ପ୍ରଶାନ୍ତ କୁମାର ବେହେରା। ତାଙ୍କଠାରୁ ଗୋଟାଏ ବନ୍ଧୁକ, ଭୁଜାଲି, ୨୩ଟି ଜୀବନ୍ତ ଗୁଳି ଓ ଖୋକା ଜବତ କରାଯାଇଥିବା ପୋଲସରା ଥାନା ଅଧିକାରୀ ଜୀତେନ୍ଦ୍ର କୁମାର ମଲ୍ଲିକ ସୂଚନା ଦେଇଛନ୍ତି।ସୂଚନାଯୋଗ୍ୟ, କୋମଣ୍ଡ ଗ୍ରାମର ବିଜୟ ବେହେରାଙ୍କ ଝିଅ ଗାୟତ୍ରୀ ସୋଡ଼କ ଗ୍ରାମର ସନ୍ତୋଷ ବେହେରାଙ୍କୁ ବିବାହ କରିଥିଲେ। ସନ୍ତୋଷ ପୋଲସରାରେ ଏକ ଟେଲରିଂ ଦୋକାନ କରିଥିବାରୁ ସେଠାରେ ଭଡ଼ାଘରେ ରହିଆସୁଛନ୍ତି। ଗାୟତ୍ରୀଙ୍କ ବାପା ବିଜୟ କୌଣସି କାମରେ ବୁଧବାର ଝିଅ ଘରକୁ ଆସିଥିଲେ। ସେଠାରେ କୌଣସି ଘଟଣାକୁ ନେଇ ପାଟିତୁଣ୍ଡ ହୋଇଥିଲା। ଝିଅର ନଣନ୍ଦେଇ ପ୍ରଶାନ୍ତ କୁମାର ବେହେରା ଖବର ପାଇ ସେଠାରେ ପହଞ୍ଚି ହଠାତ ବିଜୟଙ୍କୁ ଗୁଳିମାଡ଼ କରିଥିଲେ। ତେବେ ବାପାଙ୍କୁ ବଞ୍ଚାଇବାକୁ ଯାଇ ଝିଅ ଗାୟତ୍ରୀ ମଧ ଗୁଳିମାଡ଼ର ଶିକାର ହୋଇଥିଲେ। ପରିବାର ଲୋକେ ଉଭୟଙ୍କୁ ପୋଲସରା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ବିଜୟଙ୍କୁ ମୃତ ଘୋଷଣା କରିଥିଲେ।

## ଏନ୍‌ସିସି କ୍ୟାଡେଟଙ୍କୁ ପ୍ରଶିକ୍ଷଣ

**ବ୍ରହ୍ମପୁର, ୧୩।୭ (ତନୁଶ୍ରୀ ନାହାକ):** ବ୍ରହ୍ମପୁର ସହର ଉପକଣ୍ଠ ଶୀତଳାପଲ୍ଲୀସ୍ଥିତ ପାରଳା ମହାରାଜା ଯାନ୍ତ୍ରିକ ମହାବିଦ୍ୟାଳୟଠାରେ ୩ ଓଡ଼ିଶା ମେଡ଼ିକାଲ ଏନ୍‌ସିସି ପକ୍ଷରୁ ବାର୍ଷିକ ପ୍ରଶିକ୍ଷଣ ଶିବିର ଉଦଘାଟିତ ହୋଇଛି। ବ୍ରହ୍ମପୁର ସିଟି ମହାବିଦ୍ୟାଳୟ ବାଣିଜ୍ୟ ବିଭାଗୀୟ ପ୍ରଫେସର ତଥା ଅବସରପ୍ରାପ୍ତ ଲେଫ୍ଟନାଣ୍ଟ ମେଘନାଦ ପ୍ରଧାନ, ମେଜର ଡ଼. ସୌରଭ ତିୱାରି, ଡ଼େପୁଟି କମାଣ୍ଡାଣ୍ଟ ଭାବେ ଫାଷ୍ଟ ଅଫିସର ଭିକାରୀ ଗୌଡ଼ ପ୍ରମୁଖ କ୍ୟାମ୍ପ ପରିଚାଳନା ଦାୟିତ୍ୱ ନିର୍ବାହ କରୁଛନ୍ତି। ଏହି ଶିବିର ଆସନ୍ତା ୨୦ ତାରିଖରେ ଉଦଯାପିତ ହେବ। ଏଥିରେ ଆଇଆଇଟି ଭୁବନେଶ୍ୱର, ପାରଳା ମହାରାଜା ଯାନ୍ତ୍ରିକ ମହାବିଦ୍ୟାଳୟ, ବ୍ରହ୍ମପୁର ସିଟି କଲେଜ, ଡ଼ିପଲ ସ୍କୁଲ, ଗୁରୁକୁଲ ଇଣ୍ଟରନ୍ୟାସନାଲ, ନ୍ୟୁ ଡ଼ିପଲ ସ୍କୁଲ, ଟାଙ୍ଗଣାପଲ୍ଲୀ ହାଇସ୍କୁଲରୁ ୪୦୦ରୁ ଉର୍ଦ୍ଧ୍ୱ କ୍ୟାଡ଼େଟ ଯୋଗ ଦେଇଛନ୍ତି। ଶିବିରରେ କ୍ୟାଡ଼େଟମାନଙ୍କୁ ବନ୍ଧୁକ ଚାଳନା, ଶୃଙ୍ଖଳା ସହ ନିୟମିତ ଯୋଗ ବ୍ୟାୟାମ, ମାନଚିତ୍ର ଗଠନ, ଦିଗ ନିର୍ଣ୍ଣୟ ଆଦି ବହୁ କୌଶଳ ଶିକ୍ଷା ପ୍ରଦାନ କରାଯାଉଛି।

## ସେବାଶ୍ରମ ପ୍ରଧାନ ଶିକ୍ଷୟିତ୍ରୀଙ୍କ ବିୟୋଗ

**ଦାରିଙ୍ଗବାଡି, ୧୩।୭(ଅରୁଣ ସାହୁ):** ଦାରିଙ୍ଗବାଡ଼ି ପଞ୍ଚାୟତ ଡବେରୀ ସେବାଶ୍ରମର ପ୍ରଧାନ ଶିକ୍ଷୟିତ୍ରୀ ରଞ୍ଜିତା ପ୍ରଧାନଙ୍କ ବିୟୋଗ ହୋଇଯାଇଛି। ସେ ବୁଧବାର ଅସୁସ୍ଥ ହେବାରୁ ତାଙ୍କୁ ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ଅଞ୍ଚଳର ବୁଦ୍ଧିଜୀବୀ, ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଶିକ୍ଷୟିତ୍ରୀଙ୍କ ଶେଷ ଦର୍ଶନ କରିଛନ୍ତି। ପରିବାର ଲୋକେ ମୃତଦେହ ନେଇ ତାଙ୍କ ଗ୍ରାମ ଜି. ଉଦୟଗିରି ଅଞ୍ଚଳକୁ ନେଇଛନ୍ତି।

# ପୂର୍ବତନ ବିଧାୟକଙ୍କ ସହ ୧୪ କୋର୍ଟରେ ହାଜର

### ଜମି ଅଧିଗ୍ରହଣ ବିରୋଧକାରୀଙ୍କ ଆକ୍ରମଣରେ ପୋଲିସ ମୃତ୍ୟୁ ମାମଲା

**ବ୍ରହ୍ମପୁର, ୧୩।୭ (ସୁବାସ ଚନ୍ଦ୍ର ପାଢ଼ୀ)**

ଗଞ୍ଜାମ ଜିଲା ଛତ୍ରପୁର ଥାନା ଅଞ୍ଚଳରେ ୧୯୯୮ ଜୁନ୍ ୮ରେ ଟାଟା କମ୍ପାନୀର ଜମି ଅଧଗ୍ରହଣ ବେଳେ ପୋଲିସ ଓ ଜନତା ମୁହାଁମୁହିଁ ହୋଇଥିଲେ। ସେହିଦିନ ଶାନ୍ତି କମିଟି ବୈଠକ କରିବାକୁ ଗାଁକୁ ଯାଇଥିବା ବେଳେ ଉତ୍ୟକ୍ତ ଲୋକଙ୍କ ଆକ୍ରମଣରେ ତତ୍କାଳୀନ ରିଜର୍ଭ ଇନ୍ସପେକ୍ଟର ବିନୟ ମେହେରଙ୍କ ମୃତ୍ୟୁ ଘଟିଥିଲା। ଏଥିସହ ତତ୍କାଳୀନ ଜିଲାପାଳ ଓ ଏସପିଙ୍କ ସିକ୍ୟୁରିଟି ଅଧିକାରୀଙ୍କୁ ହତ୍ୟା ଉଦ୍ୟମ କରାଯାଇଥିଲା। ଏହି ଘଟଣାକୁ ୨୫ବର୍ଷ ବିତିଥିଲେ ବି ମାମଲାର ବିଚାର ସରିନି। ଗୁରୁବାର ଏଡିଜେ – ୩ କୋର୍ଟରେ ଛତ୍ରପୁର ପୂର୍ବତନ ବିଧାୟକ ନାରାୟଣ ରେଡିଙ୍କ ସହ ୧୪ଜଣ ସହଯୋଗୀ ହାଜର ହୋଇଛନ୍ତି । ରିଜର୍ଭ ଇନ୍ସପେକ୍ଟର ବିନୟ ମେହେରଙ୍କୁ ହତ୍ୟା ନେଇ ଛତ୍ରପୁର ଥାନାରେ ୧୧୫/୧୯୯୮ରେ ଦଫା ୩୦୨ ଅନୁସାରେ ମାମଲା ରୁଜୁ ହୋଇଥିଲା। ପୂର୍ବତନ ବିଧାୟକ ଏନ. ନାରାୟଣ ରେଡିଙ୍କ ସହ ୨୨ଜଣଙ୍କ ନାମରେ ପୋଲିସ ମାମଲା ରୁଜୁ କରିଥିଲା।

ଘଟଣାଦିନ ଅପରାହ୍ନରେ ସିନ୍ଧିଗାଁରେ ଶାନ୍ତି କମିଟି କରିବା ପାଇଁ ତତ୍କାଳୀନ ଜିଲାପାଳ ସନ୍ତୋଷ କୁମାର ଶତପଥୀ ଏବଂ ତତ୍କାଳୀନ ଗଞ୍ଜାମ ଏସପି ୱାଇବି ଖୁରାନିଆ ଯାଇଥିଲେ। ସେଠାରେ ଏସପି ଓ ଜିଲାପାଳଙ୍କ ସିକ୍ୟୁରିଟି ଅଫିସରଙ୍କ ଉପରେ ଲୋକେ ମରଣାନ୍ତକ ଆକ୍ରମଣ କରିଥିଲେ। ଏହି ଘଟଣାକୁ ନେଇ ନାରାୟଣ ରେଡ୍ଡି ଓ ତାଙ୍କ ସହଯୋଗୀଙ୍କ ନାମରେ ୧୧୬/୧୯୯୮ରେ ଛତ୍ରପୁର ଥାନାରେ ଆଉ ଏକ ହତ୍ୟା ଉଦ୍ୟମ ମାମଲା ରୁଜୁ ହୋଇଥିଲା। ଦୁଇଟି ଘଟଣା ଗୋଟିଏ ବିଷୟକୁ ନେଇ ହୋଇଥିବାରୁ ୨୦୦୧ରେ ସିଆରପିସି ୨୨୦ ଅନୁସାରେ କୋର୍ଟ ଦୁଇଟି ମାମଲାକୁ ଗୋଟିଏ କେସ୍ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଦୁଇ ଘଟଣାରେ ୧୨୦ଜଣ ସାକ୍ଷୀ ଥିଲେ। ଏହି ମାମଲା ଏଡିଜେ–୩ ରାଜକୁମାର ଦାଶଙ୍କ କୋର୍ଟରେ ବିଚାର ଚାଲିଥିବା ବେଳେ ଉଭୟ ପକ୍ଷ ଓକିଲଙ୍କ ମଧ୍ୟରେ ଜବାବସୁଆଲ୍ ହୋଇଛି। ପୂର୍ବତନ ବିଧାୟକ ଏନ. ନାରାୟଣ ରେଡ୍ଡୀ ସହ ୧୪ଜଣ କୋର୍ଟରେ ହାଜର ହୋଇଥିଲେ। ଏହି ମାମଲାରେ ଅନ୍ୟ ୮ଜଣ ଅଭିଯୁକ୍ତଙ୍କ ବିଚାର ସମୟରେ ମୃତ୍ୟୁ ହୋଇସାରିଛି। କୋର୍ଟ ୬୫ଜଣଙ୍କ ସାକ୍ଷ୍ୟ ଗ୍ରହଣ କରିଥିବା ବେଳେ ବର୍ତ୍ତମାନ ବିଚାର ଶେଷ ପର୍ଯ୍ୟାୟକୁ ଆସିଥିବା ଜଣାପଡିଛି। ସେପଟେ ପରବର୍ତ୍ତୀ ଜବାବସୁଆଲ୍ ଆସନ୍ତା ୧୫ତାରିଖରେ ହେବ ବୋଲି କୋର୍ଟ ଦିନ ଧାର୍ଯ୍ୟ କରିଛନ୍ତି। ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ନିରଞ୍ଜନ ପାଢ଼ି ଏହି ସୂଚନା ଦେଇଛନ୍ତି।



ପାରଳା ମହାରାଜା ଯାନ୍ତ୍ରିକ ମହାବିଦ୍ୟାଳୟଠାରେ ୩ ଓଡ଼ିଶା ମେଡ଼ିକାଲ ଏନ୍‌ସିସି ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ପ୍ରଶିକ୍ଷାର୍ଥୀମାନେ ।

## ଟିଆଇ ପରେଡରେ ଅଭିଯୁକ୍ତ ଚିହ୍ନଟ

### ଆଙ୍କୁଶପୁରରେ ଡକାୟତି ମାମଲା

**ବ୍ରହ୍ମପୁର, ୧୩।୭ (ସୁବାସ ଚନ୍ଦ୍ର ପାଢ଼ୀ)**

ସଦର ଥାନା ଆଙ୍କୁଶପୁର ନିକଟରେ ୨୦୨୩ ମେ ୧୧ତାରିଖ ରାତିରେ ପ୍ରଶାନ୍ତ କୁମାର ଦିଗାଲଙ୍କୁ ଆକ୍ରମଣ କରି ତାଙ୍କର ଦୁଇଟି ମୋବାଇଲ ଲୁଟ୍ କରିଥିଲେ ୬ଜଣ ଦୁର୍ବୃତ୍ତ। ବୁଧବାର ଜେଲରେ ଏହି ମାମଲାର ଅଭିଯୁକ୍ତଙ୍କୁ ଚିହ୍ନଟ କରିବାକୁ କୋର୍ଟ ନିର୍ଦ୍ଦେଶ ପ୍ରକାରେ ଟିଆଇ ପରେଡ କରାଯାଇଥିଲା। ଅଭିଯୋଗକାରୀ ପ୍ରଶାନ୍ତ କୁମାର ଦିଗାଲ୍ କିଛି ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିବା ବେଳେ ଆଉ କିଛି ଜଣଙ୍କୁ ଚିହ୍ନିପାରି ନ ଥିଲେ। ସୂଚନାଯୋଗ୍ୟ, ମେ ୧୪ ତାରିଖରେ ଗୋଶାଣିନୁଆଗାଁ ଥାନା ପୋଲିସ ଡକାୟତି ମାମଲାରେ ୫ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଝାଡ଼ଙ୍କୁଲିର ସୁକଦେବ ସାହୁ, ଗଣପତି ନଗରର ସାଗର ସାହୁ, ଜଗନ୍ନାଥ ବିହାରର ସୁମନ ଚୌଧୁରୀ, ଛତ୍ରପୁର ଥାନା ସିନ୍ଦୁରପୁର ପିଣ୍ଟୁ ସାହୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ଅଭିଯୁକ୍ତମାନେ ସଦର ଥାନା ଅଞ୍ଚଳରେ ହୋଇଥିବା ଉପରୋକ୍ତ ଡକାୟତି ମାମଲାରେ ସଂପୃକ୍ତ ଥିବା ଜେରା ସମୟରେ ପୋଲିସ ନିକଟରେ ପ୍ରକାଶ କରିଥିଲେ। ସଦର ଥାନା ପୋଲିସ ଉପରୋକ୍ତ ଡକାୟତି ମାମଲାରେ ଏହି ଅଭିଯୁକ୍ତଙ୍କ ନାମରେ କୋର୍ଟରେ ରିମାଣ୍ଡ ରିପୋର୍ଟ ଦାଖଲ କରିଥିଲା। ଗିରଫ ପରଠୁ ଉପରୋକ୍ତ ଅଭିଯୁକ୍ତମାନେ ବ୍ରହ୍ମପୁର ଜେଲରେ ଅଛନ୍ତି। ଅଭିଯୁକ୍ତଙ୍କୁ ଚିହ୍ନଟ କରିବା ପାଇଁ ସଦର ଥାନା ପୋଲିସ କୋର୍ଟରେ ଆବେଦନ କରିଥିଲା। ଏସ୍‌ଡିଜେଏମ୍‌ଙ୍କ ନିର୍ଦ୍ଦେଶ ପ୍ରକାରେ ଜେଏମ୍‌ଏଫସି (ଗ୍ରାମାଞ୍ଚଳ) ଜୁଏଲ ପଟ୍ଟନାୟକଙ୍କ ଉପସ୍ଥିତିରେ ବୁଧବାର ଜେଲରେ ଅଭିଯୋଗକାରୀ ପ୍ରଶାନ୍ତ କୁମାର ଦିଗାଲ୍ ୩ଜଣ ଅଭିଯୁକ୍ତଙ୍କୁ ଚିହ୍ନଟ କରିଛନ୍ତି। ଶୁକଦେବ, ସାଗର ଓ ସୁଶାନ୍ତଙ୍କୁ ସେ ଚିହ୍ନଟ କରିଥିବା ବେଳେ ଅନ୍ୟ ଦୁଇଜଣଙ୍କୁ ଚିହ୍ନିପାରିନଥିଲେ। ପ୍ରଶାନ୍ତ କୁଶପଡାରେ ଥିବା ଘରୋଇ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଶିକ୍ଷକ ଥିବା ବେଳେ ୨୦୨୩ ମେ ୧୧ତାରିଖ ରାତିରେ ବ୍ରହ୍ମପୁର ବଡ଼ ଡାକ୍ତରଖାନା ଆସିଥିଲେ। ଫେରିବା ବେଳେ ରାସ୍ତାରେ ତାଙ୍କଠାରୁ ଲୁଟ୍ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା।

# ଲୁଟେରା ଗ୍ୟାଙ୍ଗକୁ କାବୁ କଲା ପୋଲିସ

### ୧୨୫ ଗ୍ରାମ ସୁନାଗହଣା, ଟଙ୍କା ଜବତ

**ବ୍ରହ୍ମପୁର, ୧୩।୭ (ସୁବାସ ଚନ୍ଦ୍ର ପାଢ଼ୀ)**

ସଦର ଥାନା ପୋଲିସ ୩ ଜଣିଆ ଏକ ଲୁଟେରା ଗ୍ୟାଙ୍ଗକୁ କାବୁ କରିଛି। ସେମାନେ ହେଲେ ଜଗତସିଂହପୁର ଜିଲା ତିର୍ତ୍ତୋଲ ଥାନା ଅନ୍ତର୍ଗତ ବାଲିପାଟଣା ଗ୍ରାମର ଲିପୁନ ସାହୁ ଓରଫ ସୁଶାନ୍ତ ସାହୁ ଓରଫ ଲିକୁ (୩୨) ଓ ତାଙ୍କର ୨ ସହଯୋଗୀ ପାଟପୁର ଥାନା ବାହାଡ଼ାଗୁଡ଼ାର ସନ୍ତୋଷ ପୃଷ୍ଟି (୪୮), ଧର୍ମପୁରର ଏସ.ଉମାକାନ୍ତ ଦୋରା ଓରଫ ଚେରୁ (୪୫)। ମାଷ୍ଟରମାଇଣ୍ଡ ସୁଶାନ୍ତ ଜଣେ ଆନ୍ତଃଜିଲା ଲୁଟେରା ବୋଲି ପୋଲିସ କହିଛି। ତାଙ୍କ ନାମରେ ତିର୍ତ୍ତୋଲ ଥାନାରେ ୩ଟି, କେନ୍ଦ୍ରାପଡ଼ା ନିକିରାଇ ଥାନାରେ ଗୋଟିଏ ଓ ବ୍ରହ୍ମପୁର ସଦର ଥାନାରେ ୨ଟି ମାମଲା ରହିଥିବା ସୂଚନା ଦେଇଛି। ସୁଶାନ୍ତ ଢେଙ୍କାଓଡ଼ା ଅଞ୍ଚଳରେ ରହି ୨ସହଯୋଗୀଙ୍କ ଜରିଆରେ ଗଞ୍ଜେଇ ଚାଲାଣର ପାଇଲଟିଂ କରୁଥିବା ତଦନ୍ତ ବେଳେ ଜଣାପଡ଼ିଛି। ଗୁରୁବାର ୩ ଲୁଟେରାଙ୍କୁ ଗିରଫ କରାଯିବା ସହ ସେମାନଙ୍କ ନିକଟରୁ ୧୨୫ ଗ୍ରାମ ସୁନା ଗହଣା ଓ ୧୩,୧୫୦ ଟଙ୍କା ଜବତ କରାଯାଇଛି। କୁକୁଡ଼ାଖଣ୍ଡି ଜ୍ୟୋତି ନଗରରେ ରହୁଥିବା ଅବସରପ୍ରାପ୍ତ ବନପାଳ ପି. ନାରାୟଣ ରାଓ ଦୋରା କିଛିଦିନ ତଳେ ଭୁବନେଶ୍ୱରରେ ରହୁଥିବା ତାଙ୍କ ପୁଅଙ୍କ ପାଖକୁ ଯାଇଥିଲେ। ଗତ ୧୧ ତାରିଖ ସକାଳେ ତାଙ୍କ ଘରୁ ଚୋରି ହୋଇଥିବା ପଡ଼ୋଶୀଙ୍କ ଠାରୁ ଖବର ପାଇ ବ୍ରହ୍ମପୁର ଫେରିବାରେ ଘରର ମୁଖ୍ୟ ଗ୍ରୀଲ ଓ କବାଟ ଖୋଲା ରହିଥିବା ଦେଖିଥିଲେ। ଘରେ ଆଲମିରା ଭଙ୍ଗା ଯାଇ ସେଥିରୁ ୧୨୫ ଗ୍ରାମ ସୁନା ଗହଣା ଓ ୧୫ ହଜାର ଟଙ୍କା ଲୁଟ ହୋଇଥିବା ନେଇ ସଦର ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ୩୪୮/୨୩ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା।

# ଫିଡର, ନେଟୱର୍କ ଶକ୍ତି ବୃଦ୍ଧି ଦିଗରେ ଟିପିଏସ୍‌ଓଡିଏଲର ପଦକ୍ଷେପ

**ବ୍ରହ୍ମପୁର, ୧୩।୭ (ସ୍ମୃତି ରଞ୍ଜନ ମହାଲିକ)**

ଟିପିଏସଓଡିଏଲ ପକ୍ଷରୁ ବ୍ରହ୍ମପୁରର ଗୋସାଣୀ ନୂଆଗାଁ ଫିଡର ଓ ନେଟୱାର୍କ ବୃଦ୍ଧି ପାଇଁ ଏକ ପ୍ରକଳ୍ପ କାର୍ଯ୍ୟ ଚାଲିଛି। ପ୍ରକଳ୍ପର ଏକ ଅଂଶ ଭାବରେ ଟିପିଏସଓଡିଏଲ ଆମ୍ବ ମାର୍କେଟରୁ ରୟାଲ ଫାର୍ମାସୀ କଲେଜ ପର୍ଯ୍ୟନ୍ତ ଏକ ବିକଳ୍ପ ଲାଇନ ତିଆରି କରୁଛି। ଯାହାକି ପ୍ରାୟ ୧.୨ କି.ମି. ଦୂରତା ଅତିକ୍ରମ କରିବ। ଏହି ନିର୍ମାଣରେ ୨୨ଟି ନୂଆ ବିଦ୍ୟୁତ୍ ଖୁଣ୍ଟ ସ୍ଥାପନ କରାଯାଉଛି। ପାୱାର ଟ୍ରାନ୍ସମିସନରେ ଉନ୍ନତି ପାଇଁ ଟିପିଏସଓଡିଏଲ କଣ୍ଡକ୍ଟର ଆକାରକୁ ୮ ବର୍ଗ ମିମିରୁ ୧୦୦ ବର୍ଗ ମିମିକୁ ଉନ୍ନତ କରୁଛି। ଏହା ନୂଆଗାଁ ବାସିନ୍ଦାଙ୍କୁ ଉନ୍ନତ ବିଦ୍ୟୁତ ବିତରଣ ନିଶ୍ଚିତ କରିବ। ଏହି ପ୍ରକଳ୍ପ ୧୬ ଜୁଲାଇ ସୁଦ୍ଧା ଶେଷ ହେବ ବୋଲି କମ୍ପାନୀ ପକ୍ଷରୁ ଆଶା କରାଯାଉଛି। ଚଳିତ ବର୍ଷ ବିଳମ୍ବିତ ମୌସୁମୀ କାରଣରୁ ନୀଳକଣ୍ଠନଗର ପିଏସଏସ ୧୧ କେଭି ଗୋଷାଣୀ ନୂଆ ଗାଁ ଫିଡର ଉପରେ ପ୍ରାୟ ୧୫୦ ଏ (୩ ମେଗାୱାଟ)ର କ୍ରମାଗତ ଏବଂ ବର୍ଦ୍ଧିତ ଭାର ସୃଷ୍ଟି କରୁଛି। ଏହାଦ୍ୱାରା ଫିଡରର ଓଭର ଲୋଡିଂ ଏବଂ ଟ୍ରିପିଙ୍ଗ ବିଦ୍ୟୁତ ଯୋଗାଣରେ ବାଧା ସୃଷ୍ଟି ହୋଇଥିଲା। ଟିପିଏସଓଡିଏଲ ପକ୍ଷରୁ ତୁରନ୍ତ ଅନ୍ୟ ଏକ ହାଲୁକା ଲୋଡ ହୋଇଥିବା ୧୧ କେଭି ଏଚଆଇଜି ଫିଡରକୁ ଲୋଡ ଡାଇଭର୍ସନ କରାଯାଇଛି। କମ୍ପାନୀ ଦ୍ୱାରା ନିଆଯାଇଥିବା ପଦକ୍ଷେପ ଲାଇନରେ ଥିବା ଭାରକୁ କମାଇବ। ଯାହାଦ୍ୱାରା ବିଦ୍ୟୁତ ସରବରାହ ବ୍ୟାଘାତ କମିବ। ବିଦ୍ୟୁତ ଭିତ୍ତିଭୂମି ବୃଦ୍ଧି ତଥା ବ୍ରହ୍ମପୁର ସହରର ଗୋସାଣୀ ନୂଆ ବାସିନ୍ଦାଙ୍କୁ ନିରନ୍ତର ବିଦ୍ୟୁତ ଯୋଗାଣ ପାଇଁ ଟିପିଏସଓଡିଏଲ ଉତ୍ସର୍ଗୀକୃତ ବୋଲି କୁହାଯାଇଛି।

# ଦକ୍ଷିଣାଞ୍ଚଳ ରେଞ୍ଜ ସ୍ତରରେ ଇନ୍ସପେକ୍ଟରଙ୍କ ଅଦଳବଦଳ

**ବ୍ରହ୍ମପୁର, ୧୩।୭ (ସୁବାସ ଚନ୍ଦ୍ର ପାଢ଼ୀ)**

ଆଗାମୀ ସାଧାରଣ ନିର୍ବାଚନକୁ ଲକ୍ଷ୍ୟରେ ରଖି ଦକ୍ଷିଣାଞ୍ଚଳ ରେଞ୍ଜସ୍ତରର ପ୍ରଥମ ବଦଳି ତାଲିକା ପ୍ରକାଶ ପାଇଛି। ଏହି ତାଲିକାରେ ୫ଟି ପୋଲିସ ଜିଲାର ୧୭ଜଣ ଇନ୍ସପେକ୍ଟରଙ୍କୁ ଜିଲା ପାର ଅଦଳବଦଳ କରାଯାଇଛି। କନ୍ଧମାଳ ଜିଲାରେ କାର୍ଯ୍ୟରତ ଇନ୍ସପେକ୍ଟର୍ ତ୍ରିପତି ଚୌଧୁରୀଙ୍କୁ ବ୍ରହ୍ମପୁର ପୋଲିସ ଜିଲାକୁ ବଦଳି ହୋଇଥିବା ବେଳେ ରଞ୍ଜିତ କୁମାର ମୁନିଙ୍କୁ ବୌଦ୍ଧ, କୌଶିକ ମାଝୀଙ୍କୁ ଗଞ୍ଜାମ, ବାବା ଶଙ୍କର ସରାଫଙ୍କୁ ବ୍ରହ୍ମପୁର, ସମୀର କୁମାର ରାଉତଙ୍କୁ ଗଞ୍ଜାମ ଓ ରେବତୀ ଶବରଙ୍କୁ ବ୍ରହ୍ମପୁର ପୋଲିସ ଜିଲାକୁ ବଦଳି କରାଯାଇଛି। ସେହିପରି ବ୍ରହ୍ମପୁର ପୋଲିସ ଜିଲାରେ କାର୍ଯ୍ୟରତ ଇନ୍ସପେକ୍ଟର୍ ଅଞ୍ଜଳି ବିଶ୍ୱାଳ, ସାରଦା ପ୍ରସନ୍ନ ଦାଶ ଓ ଭାବାନନ୍ଦ ପ୍ରଧାନଙ୍କୁ ବୌଦ୍ଧ ଜିଲା, ପ୍ରଶାନ୍ତ ଭୂପତି ଓ ସୁନୀଲ କୁମାର ବେହେରାଙ୍କୁ ଗଜପତି ଜିଲାକୁ ବଦଳି କରାଯାଇଛି। ଗଞ୍ଜାମ ଜିଲାରେ କାର୍ଯ୍ୟରତ ଇନ୍ସପେକ୍ଟର୍ ସୀତାଂଶୁ ଶେଖର ମାନ୍ଧାତା, ରମେଶ କୁମାର ପ୍ରଧାନ ଓ ପ୍ରଭାତ କୁମାର ବେହେରାଙ୍କୁ କନ୍ଧମାଳ ଜିଲାକୁ ବଦଳି କରାଯାଇଛି। ଗଜପତି ଜିଲାରେ କାର୍ଯ୍ୟରତ ଇନ୍ସପେକ୍ଟର୍ ସୁଶାନ୍ତ କୁମାର ସାହୁ ଓ ଆନନ୍ଦ ଚନ୍ଦ୍ର ପାତ୍ରଙ୍କୁ କନ୍ଧମାଳ ଜିଲାକୁ ବଦଳି କରାଯାଇଛି। ବୌଦ୍ଧ ଜିଲାରେ କାର୍ଯ୍ୟରତ ଇନ୍ସପେକ୍ଟର୍ ଅଶ୍ୱିନୀ ଭିତିରିଆଙ୍କୁ ଗଞ୍ଜାମ ଜିଲାକୁ ବଦଳି କରାଯାଇଥିବା ଦକ୍ଷିଣାଞ୍ଚଳ ରେଞ୍ଜ ଆଇଜିଙ୍କ କାର୍ଯ୍ୟାଳୟରୁ ଚିଠି ଜାରି କରାଯାଇଛି।

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
bmpselfie@gmail.com



@ ମନୋରଞ୍ଜନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଦୋକାନରେ ଭୟାବହ ଅଗ୍ନିକାଣ୍ଡ



ନିଆଁକୁ ଆୟତ୍ତ କରୁଛନ୍ତି ଅଗ୍ନିଶମ ବିଭାଗ କର୍ମଚାରୀ।

### ୧୦ ଲକ୍ଷ ଟଙ୍କାର ଶିଶୁଖାଦ୍ୟ ସାମଗ୍ରୀ ଜଳିଗଲା

**ବ୍ରହ୍ମପୁର, ୧୩।୭ (ସୁବାସ ଚନ୍ଦ୍ର ପାଢ଼ୀ)**

ବଡବଜାର ଛକରେ ଥିବା ବେବି ଫୁଡ଼ ଦୋକାନରେ ଗୁରୁବାର ଭୋରରେ ଭୟାଭୟ ଅଗ୍ନିକାଣ୍ଡ ଘଟିଛି। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି। ଉକ୍ତ ଦୋକାନରେ ଥିବା ସମସ୍ତ ପ୍ରକାର ଶିଶୁଖାଦ୍ୟ, ଚକୋଲେଟ, କାଜୁ, ପିସ୍ତା ଆଦି ପୋଡ଼ିଯାଇଛି। ପ୍ରାୟ ୧୦ ଲକ୍ଷ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ପ୍ରାଥମିକ ଆକଳନରୁ ଜଣାପଡ଼ିଛି ବୋଲି ସହକାରୀ ଅଗ୍ନିଶମ ଅଧିକାରୀ ସନ୍ତୋଷ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ଶର୍ଟ ସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି। ପ୍ରକାଶ ଯେ, ବୁଧବାର ରାତିରେ ଦୋକାନ ମାଲିକ ଏ. ନିଳାଞ୍ଚଳ ପାତ୍ର ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ଗୁରୁବାର ଭୋରରେ ସେହି ରାସ୍ତା ଦେଇ ଯାଉଥିବା କେତେଜଣ ଲୋକ ବେବି ଫୁଡ଼ ଦୋକାନରୁ ଧୂଆଁ ବାହାରୁଥିବା ଦେଖି ଅଗ୍ନିଶମ ବିଭାଗ ଓ ଦୋକାନ ମାଲିକଙ୍କୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ଅଧିକାଂଶ ସାମଗ୍ରୀ ଜଳିଯାଇଥିଲା।

# ବ୍ୟାଙ୍କର ପ୍ରଚାରପ୍ରସାର କାର୍ଯ୍ୟକ୍ରମ



ବ୍ୟାଙ୍କ ପକ୍ଷରୁ ପ୍ରଚାର ପ୍ରସାର କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଉଛି।

**ବ୍ରହ୍ମପୁର, ୧୩।୭ (ସ୍ମୃତି ରଞ୍ଜନ ମହାଲିକ)**

ୟୁନିୟନ୍ ବ୍ୟାଙ୍କ ଅଫ ଇଣ୍ଡିଆ ବ୍ରହ୍ମପୁର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ଗ୍ରାହକଙ୍କୁ ବ୍ୟାଙ୍କର ଉତ୍ପାଦଗୁଡିକ ବିଷୟରେ ଜଣାଇବା ପାଇଁ ୨୦ଟି ଅଟୋରିକ୍ସା ମାଧ୍ୟମରେ ପ୍ରଚାରପ୍ରସାର କାର୍ଯ୍ୟକ୍ରମ ଗୁରୁବାର ଶୁଭାରମ୍ଭ ହୋଇଛି। ଏହି ଅବସରରେ ଭୁବନେଶ୍ୱର ଅଞ୍ଚଳର ଉପଅଞ୍ଚଳ ମୁଖ୍ୟ ଆର ଦେବରାଜଙ୍କ ସମେତ ବ୍ରହ୍ମପୁର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ସତ୍ୟବ୍ରତ ସାମଲ, ଉପକ୍ଷେତ୍ରୀୟ ମୁଖ୍ୟ ଆର ଏନ ସ୍ୱାଇଁ, ବିଆରଏମ ସଞ୍ଜୟ ରାୟ ଓ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଏସ୍‌ଏଚ୍‌ଜିକୁ ବ୍ୟାଙ୍କ ଋଣ ସମ୍ପର୍କିତ ସଚେତନତା





କାର୍ଯ୍ୟକ୍ରମରେ ଉପସ୍ଥିତ ଜିଲାପାଳ, ଏମପି, ବିଧାୟକ, ମେୟର ଓ ଅନ୍ୟମାନେ।

**ବ୍ରହ୍ମପୁର, ୧୩।୭ (ସ୍ମୃତି ରଞ୍ଜନ ମହାଲିକ)**

ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚଜି)ଙ୍କ ନିମନ୍ତେ ବ୍ୟାଙ୍କ ଋଣ ଓ ସୁଧ ଫେରସ୍ତ ବ୍ୟବସ୍ଥା ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଟାଉନ ହଲ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡା, ବ୍ରହ୍ମପୁର ଏମପି ଚନ୍ଦ୍ରଶେଖର ସାହୁ, ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ବିଏମସି ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ଇ ବିବେକ ରେଡି, କମିଶନର ଜେ ସୋନାଲ, ଆଇଏସ ପ୍ରବେସନାରୀ ସମୀର କୁମାର ଜେନା ଓ ଡିଏସଡବ୍ଲ୍ୟୁ ଅର୍ପିତା ପ୍ରବନ ପ୍ରମୁଖ ଯୋଗ ଦେଇଥିଲେ। ରାଜ୍ୟ ସରକାର ଯୋଗାଇ ଦେଉଥିବା ଋଣ ଦ୍ୱାରା ଏସ୍‌ଏଚଜି ଉପକୃତ ହୋଇପାରୁଛନ୍ତି। କୃଷି, ସ୍ୱାସ୍ଥ୍ୟ, ଶିକ୍ଷା ଓ ଭିତ୍ତିଭୂମି ବିକାଶ ସହ ବହୁ ଉନ୍ନୟନ କାର୍ଯ୍ୟରେ ମହିଳାମାନେ ଅଂଶଗ୍ରହଣ କରୁଛନ୍ତି। ମହିଳାମାନେ କିଭଳି ଅଧିକରୁ ଅଧିକ ଋଣ ନେଇ ସେମାନଙ୍କ କାର୍ଯ୍ୟକୁ ତ୍ୱରାନ୍ୱିତ କରିବେ ସେ ସମ୍ପର୍କରେ ଜିଲାପାଳ କହିଥିଲେ। ଜିଲାରେ ସ୍ୱୟଂ ସହାୟକ ଗୋଷ୍ଠୀ ଧାର୍ଯ୍ୟ ସମୟ ପୂର୍ବରୁ ଋଣ ଟଙ୍କା ପୈଠ କରୁଛନ୍ତି। ଯାହାଦ୍ୱାରା ବ୍ୟାଙ୍କ ସେମାନଙ୍କୁ ଋଣ ପ୍ରଦାନ କରିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି।

## ବିଶ୍ୱ ଜନସଂଖ୍ୟା ଦିବସ

**ବ୍ରହ୍ମପୁର, ୧୩।୭ (ତନୁଶ୍ରୀ ନାହାକ)**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅର୍ଥନୀତି ବିଭାଗ ପକ୍ଷରୁ ସମ୍ମିଳନୀ କକ୍ଷଠାରେ ବିଶ୍ୱ ଜନସଂଖ୍ୟା ଦିବସ ପାଳିତ ହୋଇଛି। ଏଥିରେ କୁଳପତି ପ୍ରଫେସର ଗୀତାଞ୍ଜଳି ଦାସ ଅଧ୍ୟକ୍ଷତା କରିଥିଲେ। ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ଡ଼.ସୁଶାନ୍ତ କୁମାର ବରାଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ପୂର୍ବତନ ବିଭାଗୀୟ ଅଧ୍ୟାପକ ଭାଗବତ ପାତ୍ର ମୁଖ୍ୟବକ୍ତା ଭାବେ ଉପସ୍ଥିତ ରହିଥିଲେ। ମୁଖ୍ୟବକ୍ତା ଦିବସ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ବିଭାଗୀୟ ପ୍ରଫେସର ଡ଼.ସୁଧାକର ପାତ୍ର ମଞ୍ଚ ପରିଚାଳନା କରିଥିଲେ। ଡ଼. ମୃତ୍ୟୁଞ୍ଜୟ ସ୍ୱାଇଁ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଅର୍ଥନୀତି ବିଭାଗର ସ୍ନାତକୋତ୍ତର ଓ ଗବେଷଣା ଛାତ୍ରୀଛାତ୍ର ଉପସ୍ଥିତ ରହିଥିଲେ।

# ଅଧୀକ୍ଷକଙ୍କ ଅଭିଯୋଗ ପରେ ଥାନାରେ ମାମଲା

### ଏମ୍‌କେସିଜିରୁ ୨୫ କାର୍ଟୁନ ଇଞ୍ଜେକ୍ସନ ଜବତ ଘଟଣା

**ବ୍ରହ୍ମପୁର, ୧୩।୭ (ସୁବାସ ଚନ୍ଦ୍ର ପାଢ଼ୀ)**

ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲର ପୁରୁଣା ଇନଡୋର କୋଠାରୁ ଗତ ୬ ତାରିଖରେ ପୋଲିସ ପ୍ରାୟ ଦେଢ଼ ଲକ୍ଷ ଟଙ୍କାର ୨୫ କାର୍ଟୁନ ଇଞ୍ଜେକସନ୍ ପୋଲିସ ଜବତ କରିଥିଲା। ଏ ନେଇ ମେଡିକାଲ କର୍ତ୍ତୃପକ୍ଷଙ୍କୁ ଅବଗତ କରିଥିଲା। ଏମକେସିଜି କର୍ତ୍ତୃପକ୍ଷ ଚୁପ୍ ଥିବା ବେଳେ ପୋଲିସ ପକ୍ଷରୁ ମେଡିକାଲ ଅଧୀକ୍ଷକଙ୍କୁ ଚିଠି ହୋଇଥିଲା। ଗୁରୁବାର ଅଧୀକ୍ଷକ ପ୍ରଫେସର ଡା.ସୁଚିତ୍ରା ଦାଶ ମେଡିକାଲ ଷ୍ଟୋର ରୁମରୁ ଇଞ୍ଜେକସନ୍ ଚୋରି ହୋଇଥିବା ନେଇ ବୈଦ୍ୟନାଥପୁର ଥାନାରେ ଏତଲା ଦେଇଛନ୍ତି। ଏ ନେଇ ପୋଲିସ ମାମଲା ରୁଜୁ କରିଥିବା ବୈଦ୍ୟନାଥପୁର ଥାନା ଆଇଆଇସି ରାମ କୁମାର ମୁର୍ମୁ କହିଛନ୍ତି। ତଦନ୍ତ ପରେ ଜବତ ହୋଇଥିବା ଇଞ୍ଜେକସନ୍ ଚୋରି ହେଲା କିପରି ଜଣାପଡିବ ବୋଲି ସେ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଜଣେ ଚୋରି ଅଭିଯୁକ୍ତଙ୍କୁ ଧରିବାକୁ ଯାଇଥିବା ଫାଣ୍ଡି ପୋଲିସ ଏମକେସିଜି ଇନଡୋର ପୁରୁଣା କୋଠାରୁ ଏକ ନିର୍ଦ୍ଦିଷ୍ଟ ଆଣ୍ଟିବାୟୋଟିକ୍ (ସେଫ୍ରିଜୋନ୍ ଆଣ୍ଡ ସଲ୍ବାକ୍ଟମ୍) ୨୫ଟି କାର୍ଟୁନ ଜବତ କରିଥିଲା। ଘଟଣାକୁ ନେଇ ପ୍ରଥମେ ପଚରାଉଚରା ବେଳେ ଏମକେସିଜି କର୍ତ୍ତୃପକ୍ଷ ସେହି ଇଞ୍ଜେକସନ୍ ତାଙ୍କର ନୁହେଁ ବୋଲି ପ୍ରକାଶ କରିଥିଲେ। ପରବର୍ତ୍ତୀ ସମୟରେ ତଦନ୍ତ ସମୟରେ ଏହି ଇଞ୍ଜେକସନ୍ ଏମକେସିଜିକୁ ଆସିଥିବା ଜଣାପଡିଥିଲା। ଏପ୍ରିଲ୍ ମାସରେ ୪୦ହଜାର ଭାଇଲ୍ ପାଇଁ ଇଣ୍ଡେନ୍ କରାଯାଇଥିଲା। ପ୍ରାୟ ୧୫ହଜାର ଭାଇଲ୍ ବିଭିନ୍ନ ୱାର୍ଡକୁ ସପ୍ଲାଇ ହୋଇଥିବା ବେଳେ ବଳକା ଇଞ୍ଜେକସନ୍ ଷ୍ଟୋରରେ ମହଜୁଦ୍ ଥିଲ। ତାହା ଚାଲାଣ ହୋଇଥାନ୍ତା ବୋଲି ପୋଲିସ ସନ୍ଦେହ କରୁଛି। ଏମକେସିଜିରେ କାମ କରୁଥିବା କେତେଜଣ କର୍ମଚାରୀ ଏଥିରେ ସଂପୃକ୍ତ ଥିବା ପୂର୍ବରୁ ପୋଲିସ ପ୍ରକାଶ କରିଛି।

